# ପାଗଳାଗାରଦର କାହାଣୀ

ଗୋଜିଆ ଝିଙ୍କର କାଠି ପରି ସାତଦିନର ରୁଢ଼ରେ ମୁହଁର ଅର୍ଦ୍ଧାଂଶ ଆବୃତ । ଗହୀଡ଼ା, କୋଟର ଗତ, ଆଖି ଦୁଇଟିରେ କ୍ରୁଦ୍ଧ ହିଂସ୍ରତା ଓ ରହସ୍ୟଘନ ଆନନ୍ଦର ମିଶାମିଶି ଏକ ବିଚିତ୍ର ଦୃଷ୍ଟି । ମଧ୍ୟବୟସୀ ଗୋଲେଇ ପେଟ ତଳକୁ, ଲାଲ ସିଲ୍କର ଖଣ୍ଡେ ପାଇଜାମା । ଦେହରେ ଲାଲ ଭେଲଭେଟର ଖଣ୍ଡେ ଡ୍ରେସିଂଗାଉନ, ଡ୍ରେସିଂଗାଉନର ସାମ୍ନା ଅବିନ୍ୟସ୍ତ ଭାବରେ ଖୋଲା । ଗୋଟିଏ ଧଳାବୃତ୍ତ ପରି ଦିଶୁଥିବା, ମୁଣ୍ଡର ଚନ୍ଦା ଚାରିପଟେ ଲମ୍ବା କହରା ବାଳ ସବୁ କୁଣ୍ଡଳି ବୁଲି ତଳକୁ ଲମ୍ବି ଆସିଅଛି । କପାଳ ଉପରେ ଆଣ୍ଠି ବନ୍ଧା ହୋଇଛି ଲାଲ ଛିଟର ଖଣ୍ଡେ ରୁମାଲ ।

ଜୀବନରେ ଅତି ସଂଯତ, ପରିମିତିବୋଧସମ୍ପନ୍ନ, ସମାଜ ଓ ସଂସ୍କାରଭୀରୁ, ଗଭୀର ଦାୟିତ୍ୱବୋଧଗ୍ରସ୍ତ, ସକାଳ ଦଶଟାରେ ଅଫିସ ପୋଷାକ ଓ ସନ୍ଧ୍ୟାରେ ଧୋତୀ ପଞ୍ଜାବୀ ପିନ୍ଧା, ପୁଣି ସକାଳ ଓ ସନ୍ଧ୍ୟା ନିୟମିତ ଭ୍ରମଣରେ ବାହାରିବାବେଳେ କାରଣରେ ବା ଅକାରଣରେ ମୁଣ୍ଡ ଉପରେ ଗୋଟିଏ ଛତା ମେଲାଇଧରି ଚାଲିବାରେ ଅଭ୍ୟସ୍ତ... ଖତ ଓ ସାର ବିଭାଗର ସ୍ୱନାମଧନ୍ୟ ଡିରେକ୍ଟର ଶ୍ରୀ ସନାତନ ମହାପାତ୍ର ଏହିପରି ପୋଷାକ ପିନ୍ଧି, ଗୋଟିଏ ଘରେ ବନ୍ଦୀ ହୋଇ ରହିବା, ତାଙ୍କର ଘୋର ଶତ୍ରୁମାନେ ସୁଦ୍ଧା କଳ୍ପନା କରି ନ ଥିଲେ ।

ସନାତନ ମହାପାତ୍ର ଦିନେ ହଠାତ୍ ପାଗଳ ହୋଇଗଲେ ।

ତାଙ୍କ ପାଗଳାମିର ପ୍ରଥମ ସୂଚନା ପ୍ରକାଶ ପାଇଥିଲା, ଯେଉଁଦିନ ସେ ଚାକିରିରୁ ହଠାତ୍ ବିଦାୟ ନେଇ ଆସିଲେ ।

ଆଜିର ହରମୋନ୍ ଓ ଭିଟାମିନ୍ ବଟିକାର ଯୁଗରେ, ପଞ୍ଚାବନ ବର୍ଷ ବୟସ, ଅବଶ୍ୟ କିଛି ନୁହେଁ-ପୁଣି ଖତ ଓ ସାର ବିଭାଗରେ ସନାତନ ମହାପାତ୍ରଙ୍କ ବିଶେଷ ଅଭିଜ୍ଞତା ଓ ପାରଦର୍ଶିତା ଦୃଷ୍ଟିରୁ, ପଞ୍ଚାବନ ବର୍ଷ ପରେ ସୁଦ୍ଧା, ତାଙ୍କ ଚାକିରି କାଳ ବଢ଼ାଇବା ପାଇଁ ସରକାରୀ କର୍ତ୍ତୃପକ୍ଷଙ୍କର ତିଳାର୍ଦ୍ଧ ଆପତ୍ତି ନ ଥିଲା । କେନ୍ଦ୍ର ସରକାରରେ ମଧ୍ୟ ତାଙ୍କୁ ଏହି ବିଭାଗରେ ଏକ ଉପର ପାହିଆର ପଦ ଅର୍ପିତ ହୋଇଥିଲା । ମାତ୍ର ଏ ସବୁ ଉଜ୍ଜ୍ୱଳ ସମ୍ଭାବନା ପ୍ରତି ଦୃକ୍‌ପାତ ନ କରି ସନାତନ ଯେଉଁଦିନ ଚାକିରିରୁ ବିଦାୟ ନେଇ ଆସିଲେ, ସେ ଦିନ ତାଙ୍କ ମାନସିକ ସୁସ୍ଥତାରେ ଅନେକ ଘୋର ସନ୍ଦେହ ପୋଷଣ କରିଥିଲେ । ତାହାହିଁ ଅବଶେଷରେ ଅତ୍ୟନ୍ତ ଶୋଚନୀୟ ଭାବରେ ସତ୍ୟରେ ପରିଣତ ହେଲା ।

ଙ ଙ ଙ

କିଛି ଗୋଟାଏ କର । କିଛିତ ଗୋଟାଏ କରିବା ଆବଶ୍ୟକ । ରାଧାଗୋବିନ୍ଦ ବାବୁଙ୍କ ସାହିତ୍ୟରେ ପ୍ରଫେସରୀ ଚାକିରି ଭଲ ଲାଗିଲା ନାହିଁ । ସେ ଚାକିରିରୁ ଅବସର ନେଲେ, ଚାକିରିରୁ ଅବସର ନେଇ ସେତ ପୁଣି ଗୋଟିଏ ଅଟାପେଷା କଳ ବସାଇଛନ୍ତି । ଅବନୀବାବୁ ସନାତନଙ୍କ ସମବୟସୀ । ସେ ମଧ୍ୟ ଚାକିରିରୁ ଅବସର ନେଇ ଗୋଟିଏ ତେଜରାତି ଦୋକାନ ଖୋଲିଛନ୍ତି ।

ପଞ୍ଚାବନ ବର୍ଷ ବୟସ ବା କ ' ଣ? ଅନେକଙ୍କ ପାଇଁ ଜୀବନର ଦ୍ୱିତୀୟ ପ୍ରଷ୍ଠ ତ ପଞ୍ଚାବନ ବର୍ଷ ବୟସରେ ଆରମ୍ଭ ହୁଏ!

କିଛି ଗୋଟାଏ କରିବା ପାଇଁ ସନାତନଙ୍କ ବନ୍ଧୁବର୍ଗଙ୍କର ଶତ ଅଯାଚିତ ଉପଦେଶ, କ ' ଣ କରିବେ ସେ ସମ୍ପର୍କରେ ସନାତନଙ୍କ ଶୁଭ ଚିନ୍ତକମାନଙ୍କର ଶତ ଉତ୍ପୀଡ଼କ ପରାମର୍ଶ ଓ ଏସବୁ ସତ୍ତ୍ୱେ କିଛି କରୁ ନ ଥିବାରୁ, ସନାତନଙ୍କ ଆତ୍ମୀୟ ଓ ସ୍ୱଜନବର୍ଗଙ୍କର ଅଭିଯୋଗ ପୂର୍ଣ୍ଣ ଦୃଷ୍ଟି... ସବୁ ମିଶି ସନାତନଙ୍କୁ ଧୀରେ ଧୀରେ ପାଗଳ କରିଦେଲା ।

ସନାତନଙ୍କ ଭବିଷ୍ୟତ କର୍ମଯୋଜନା ସମ୍ପର୍କରେ ତାଙ୍କର ବନ୍ଧୁ ବା ସ୍ୱଜନବର୍ଗ ତାଙ୍କୁ ପଚାରିଲେ ସନାତନ ଉତ୍ତରରେ କେବଳ ମୁରୁକି, ମୁରୁକି ହସୁଥିଲେ... ଏକ ନୂଆ ମତଲବ ମୁଣ୍ଡକୁ ଆସିଲେ, ଶୃଙ୍ଖଳାମୁକ୍ତ ଦୁରନ୍ତ ଗ୍ରାମ୍ୟବାଳକର ଓଠରେ ରହସ୍ୟଘନ, କୌତୂହଳଦୀପ୍ତ ହସ ପରି!

ଫ ଫ ଫ

କିନ୍ତୁ କିଛି ନ କରିବା ପାଇଁ ତ, ସନାତନ ଚାକିରିରୁ ଅବସର ନେଇଥିଲେ ଖତ ଓ ସାରବିଭାଗର ଡିରେକ୍‌ଟରରେ, ଶୀତତାପ ନିୟନ୍ତ୍ରିତ, ନିଓନ ଆଲୋକରେ ଆଲୋକିତ, ବହଳ ପର୍ଦ୍ଦାରେ ଆବୃତ, ସନାତନଙ୍କ ଅଫିସର କାଚଅଣ୍ଟା ଝରକା ବାହାରେ, ସେଦିନ ବୈଶାଖର ରୌଦ୍ରଦୀପ୍ତ ଆକାଶ ତଳେ, ବୈଶାଖୀର ପାଗଳ ଘୂର୍ଣ୍ଣିରେ, ଝରକା ଦେହରେ ଲାଗି କୃଷ୍ଣଚୂଡ଼ା ଗଛଟା ଦୋଳୁଥିଲା, ରୌଦ୍ରଦଗ୍ଧ ଧରଣୀର ଅବରୁଦ୍ଧ କାମନା, ଅକସ୍ମାତ ପ୍ରକାଶର ଏଇ ପଥ ପାଇବା ପରି ।

ସେ ଦିନ ଝରକା ବାହାରେ ସେହି କ୍ଷୁଧିତ ଆକାଶ ଓ ଅଶାନ୍ତ ଲାଲ କୃଷ୍ଣଚୂଡ଼ା, ଅତି ମର୍ମାନ୍ତିକ ଭାବରେ ସନାତନଙ୍କୁ ଚେତାଇ ଦେଇଥିଲା... ତାଙ୍କର ଅନ୍ନପୁଷ୍ଟ ଜୀବନ ଏକାନ୍ତ ଭାବରେ ବୁଭୁକ୍ଷୁ । ଖତ ଓ ସାରର ଆବର୍ଜନା ମଧ୍ୟରେ ଆନନ୍ଦର ଉତ୍ସ ନିଷ୍ଠୁର ଭାବରେ ଶୁଷ୍କ, ଅନୁତ୍ତେଜିତ ଦୈନନ୍ଦିନତାର ଶୀତଳତା ମଧ୍ୟରେ ଅନୁଭୂତିର ତୀବ୍ରତା ଅତ୍ୟନ୍ତ ଦୟନୀୟ ଭାବରେ ବାର୍ଦ୍ଧକ୍ୟଗ୍ରସ୍ତ ।

ଝରକା ବାହାରେ ରୌଦ୍ରଦୀପ୍ତ ଆକାଶ ଆଡ଼େ ଚାହିଁ, ସନାତନଙ୍କର ଝଲସି ପଡ଼ିଥିବା ଧୂମାଚ୍ଛନ୍ନ ଦୃଷ୍ଟିରେ ଭାସି ଉଠିଥିଲା, ଗୋଟିଏ ସ୍ୱୈରିଣୀର ଛବି... ଦୁଇ ନୀଳ ଆଖିରେ ତା ' ର ଆଲିଙ୍ଗନ ପାଇଁ ଅଶ୍ଳୀଳ ଇଙ୍ଗିତ ବ୍ୟଗ୍ର ବିଲମ୍ବିତ ବାହୁରେ ଆଲିଙ୍ଗନ ପାଇଁ ଅକୁଣ୍ଠ ଆହ୍ୱାନ... ମାତ୍ର ସେ ନିର୍ଲଜ ଇଙ୍ଗିତରେ ପ୍ରତ୍ୟୁତ୍ତର ଦେବା ପାଇଁ ପୌଢ଼ତ୍ୱର ଶୀତଳତା ମଧ୍ୟରେ, ସନାତନ ଅତ୍ୟନ୍ତ ଅସହାୟ ଭାବରେ ପଙ୍ଗୁ । ମସ୍ତିଷ୍କର ସ୍ନାୟୁକେନ୍ଦ୍ରଗୁଡ଼ିକ ଅଥର୍ବତା ମଧ୍ୟରେ ଗୋଟିକ ପରେ ଗୋଟିଏ ଧୀରେ ଧୀରେ ସ୍ତିମିତ ହୋଇ ଆସିଥିଲା, ଉତ୍ସବର କୋଳାହଳ ଶେଷରେ ରାତ୍ରିର ପ୍ରଦୀପ ପରି, ତାଙ୍କର ହୃଦୟ ଯେପରି ଗୋଟିଏ ନିର୍ଜନ ଓ ପରିତ୍ୟକ୍ତ ଅନ୍ଧକାର ଦୁର୍ଗର ରୁଦ୍ଧପ୍ରାଚୀର; ନିତ୍ୟନୂତନ ଅନୁଭୂତିର ଅଗଣିତ ଅଶ୍ୱାରୋହୀ, ସେହି ନିଷ୍ପ୍ରାଣ ପ୍ରାଚୀର ଦେହରେ ବାରମ୍ବାର ଆଘାତ କରି ମିଳାଇ ଯାଉଥିଲେ, ଅରଣ୍ୟ ଅନ୍ଧକାର ମଧ୍ୟରେ!

ସନାତନ ଝରକା ପାଖରୁ ଫେରି ଆସି ଦୁଇ ହାତରେ କପାଳର ଦୁଇପାଖ ଚାପିଧରି, ଚଉକି ଉପରେ ବସି ପଡ଼ିଲେ । ସେ ସେହିଦିନ ସ୍ଥିର କରିଥିଲେ, ବଞ୍ଚିବାର ଏ ପାଗଳା ଗାରଦ ଭାଙ୍ଗିବା ପାଇଁ, ତାଙ୍କୁ ପାଗଳ ହେବା ପାଇଁ ପଡ଼ିବ ।

ସନାତନ ଯେଉଁଦିନ ପାଗଳ ହୋଇଗଲେ, ସେ ଦିନଟିର ସ୍ମୃତି, ତଥାପି ସେ ଭୁଲିନାହାନ୍ତି...ଅଙ୍କାବଙ୍କା ରେଖାର ଦୁର୍ବୋଧ ଜଟିଳତା ମଧ୍ୟରେ ଗୋଟିଏ ଚିତ୍ରର ଅସ୍ପଷ୍ଟ ରେଖା ପରି ସେ ଦିନର ଘଟଣାବିହୀନ ' ଶାନ୍ତ ସକାଳଟି ସନାତନଙ୍କର ଚେତନାରେ ତଥାପି ଉତ୍କୀର୍ଣ୍ଣ ହୋଇ ରହିଅଛି ।

ଆଶ୍ୱିନର ଗୋଟିଏ ମେଘଧୁଆ, ସୁନେଲି ସକାଳ । ଝରକା ବାହାରେ ଗଛ ପତ୍ରଶୀର୍ଷ ଉପରେ, କିଏ ଯେପରି ଲକ୍ଷ ଲକ୍ଷ ସୁନାର ପ୍ରଦୀପ ଜାଳି ଦେଇ ଯାଇଅଛି । ତା ' ର କୋମଳ ଆଲୋକ ଖୋଲା ଝରକା ବାଟେ ସନାତନଙ୍କ ବିଛଣା ଚାରିପଟେ ବିଛେଇ ହୋଇ ପଡ଼ିଅଛି ଫୁଲର ପାଖୁଡ଼ା ପରି । ପୂର୍ବ ରାତିରେ ଏକାଦିକ୍ରମେ ଗତ କେତେ ରାତି ପରି ସନାତନଙ୍କୁ ଭଲ ନିଦ ହୋଇ ନ ଥିଲା । ତାଙ୍କର ଉତ୍ତପ୍ତ ଆଖି ଆଗରେ ବାରମ୍ବାର ଭାସି ଉଠୁଥିଲା ସେଦିନର ରୌଦ୍ରତପ୍ତ ଆକାଶ ଓ ଅଶାନ୍ତ କୃଷ୍ଣଚୂଡ଼ାର ପୃଷ୍ଠଭୂମିରେ, ସେହି ଅକୁଣ୍ଠିତା ସ୍ୱୈରିଣୀର ଅଶରୀରୀ ମୂର୍ତ୍ତି! ଅନ୍ଧକାର

କୋଠରି ବାହାରେ, ନୀଳ ଜ୍ୟୋତ୍ସ୍ନାର କୋମଳ ଆଲୋକରେ, ରାତ୍ରି ସ୍ତିମିତ ହୋଇ ପଡ଼ିଥିଲା, ରତିକ୍ଳାନ୍ତ ଅସଂବୃତବାସନା ସେହି ସ୍ୱୈରିଣୀ ପରି । ଶେଷ ରାତିକୁ ଶୀତଳ ପାହାନ୍ତି ପବନରେ ସନାତନଙ୍କ ଆଖିରେ ସାମାନ୍ୟ ନିଦ ଲାଗି ଆସିଥିଲା ।

ସକାଳର ଆଲୁଅରେ ନିଦ ଭାଙ୍ଗିଯିବା ପରେ ସନାତନଙ୍କର ମନେ ହେଲା ଛଅଫୁଟ ଉଚ୍ଚତା ବିଶିଷ୍ଟ ତାଙ୍କର ପୃଥୁଳ ମେଦବହୁଳ ଦେହ ଗୋଟିଏ ଚପଳ ପ୍ରଜାପତି ପରି ହାଲ୍‌କା ହୋଇ ଯାଇଅଛି । ସନାତନ ଭିଡ଼ିମୋଡ଼ି ହୋଇ ନିଜର ଦୁଇ ଲୋମଶ ହାତ ଆଡ଼େ ଚାହିଁଲେ... ଏ ତ ହାତ ନୁହେଁ, ଚପଳ ପ୍ରଜାପତିର ଦୁଇଟି ରଙ୍ଗିନ ଡେଣା । ସନାତନ ବିଛଣାରେ ଶୋଇ ଦୁଇ ପାଦ ହଲାଇଲେ । ଏ ତ ପାଦନୁହେଁ, ମୃଗଶିଶୁର ଅଶାନ୍ତ ଖୁରା । ଏ ଏକ ଅଭୁତପୂର୍ବ ଘଟାନ୍ତର! ଯେଉଁ ଅଶାନ୍ତ ଚୈତାଳି ସେହି ପରିତ୍ୟକ୍ତ ଅନ୍ଧକାର ଦୁର୍ଗର ଶୈବାଳାଚ୍ଛନ୍ନ ପ୍ରାଚୀର ଦେହରେ ବାରମ୍ବାର ମଥା ପିଟି ଫେରି ଯାଉଥିଲା, ଆଜି ସେହି ଚୈତାଳି ଫିଟାଇଦେଇ ଯାଇଛି ଯେପରି ଏକ ନୂତନ ବାତାୟନ... । ଆଉ ମେଦର ଆସ୍ତରଣ ତଳୁ ଏ ଯେଉଁ ନୂତନ ପ୍ରଜାପତି ଆଜି ମୁକ୍ତିଲାଭ କରିଅଛି, ସେହି ବାତାୟନ ପଥରେ ତା଼ ପାଇଁ ବାହିତ ହୋଇ ଆସିଅଛି, ଯେପରି ରୂପ, ରସ, ଗନ୍ଧ ଓ ଆଲୋକର ଏକ ଆନନ୍ଦମୟ ଆମନ୍ତ୍ରଣ ।

ସନାତନ ବିଛଣା ଉପରୁ ତଳକୁ ଡେଇଁ ପଡ଼ିଲେ ।

ଦୋତାଲାର ବାରଣ୍ଡା ନିର୍ଜନ ।

ତଳ ମହଲାର ପଛ ପ୍ରସ୍ତରେ ଦୈନନ୍ଦିନତାର ନୈମିତ୍ତିକ କୋଳାହଳ ଆରମ୍ଭ ହୋଇ ଯାଇଅଛି । ପୌଢ଼ ସନାତନ ଚପଳ ଶିଶୁପରି, ସିଡ଼ିରେ ଏକା ଏକା କୁଦାକେ ଦୁଇ ତିନି ପାହାଚ ଅତିକ୍ରମ କରି ତଳକୁ ଓହ୍ଲାଇ ଆସିଲେ!

ଏଇ ସିଡ଼ିରେ ଓହ୍ଲାଇଲାବେଳେ; ପୁଣି ଉପରକୁ ଉଠିଲାବେଳେ, କାହିଁ ସେ ପୂର୍ବ ଦିନମାନଙ୍କର ସନ୍ତର୍ପିତ ଗତି, କାହିଁ ସେ ଆଃ- ଉଃ ଆର୍ତ୍ତନାଦ!

ଏ ଅଭୁତପୂର୍ବ ପଟାନ୍ତର ସନାତନଙ୍କୁ ବିସ୍ମିତ କରିଦେଲା ।

ନିଭୃତ ବୈଠକଖାନା ।

ବୈଠକଖାନା କାନ୍ଥରେ ସର୍ବାଧୁନିକ ସୌନ୍ଦର୍ଯ୍ୟବୋଧ ଓ କଳାର ନିଦର୍ଶନ ରୂପେ ଦୁଇଟି ବୀଭତ୍ସ ଓ କିମ୍ଭୂତ ମୁଖା ଝୁଲୁଥିଲା । ନିଗୃହୀତ ଅବଚେତନର ଯେଉଁ କଳାବୃତ ଆଜି ସଭ୍ୟତାର ଚେତନାକୁ ଉତ୍‌ପୀଡ଼ିତ କରୁଅଛି, ତା଼ ରି ମୁଖା କାନ୍ଥରେ ଝୁଲାଇ, ଆଜିର କଳାପ୍ରେମୀ ନିଜର ରୂପତୃଷ୍ଣା ମେଣ୍ଟାଉଅଛି... ତା଼ ର ମୁଣ୍ଡର ବାଳସବୁ ନିଆଁହୁଳା ପରି, ଦାନ୍ତ ସବୁ କାହାଣୀରେ ମଣିଷଖିଆ ରାକ୍ଷସର ଲମ୍ବା ମୁନିଆଁ ଦାନ୍ତ ପରି, ଲହ ଲହ ଜିଭରେ ରକ୍ତର ତୃଷ୍ଣା, କୋଟରଗତ ଦୁଇ ଆଖିରେ ଆଖି ପିତୁଳାମାନ ଜଳନ୍ତା କୋଇଲା ପରି! ସନାତନଙ୍କ ଜ୍ୟେଷ୍ଠପୁତ୍ର ଗୋଟିଏ କଲେଜରେ ଇଂରାଜୀ ସାହିତ୍ୟର ଅଧ୍ୟାପକ । ଗୋଟିଏ ପ୍ରଦର୍ଶନୀରୁ ସେ ଏ ଦୁଇଗୋଟି ଜଉତିଆରି ମୁଖା ଆଣି କାନ୍ଥରେ ଝୁଲାଇଥିଲେ, ସର୍ବାଧୁନିକ କଳା ପ୍ରେମର ନିଦର୍ଶନ ରୂପେ ।

ସନାତନ କାନ୍ଥର ଗୋଟିଏ ମୁଖା କାଢ଼ି ନିଜ ମୁହଁ ଉପରେ ବାନ୍ଧିଲେ ତା଼ ପରେ ଅନ୍ୟ ମୁଖାଟି ଡ୍ରେସିଂଗାଉନ ଭିତରେ ଲୁଚାଇ ତାଙ୍କ ନାତି ମଣ୍ଟୁର ପଢ଼ିବା ଘର ଭିତରକୁ ପାଦ ଚିପି ଚିପି ସନ୍ତର୍ପଣରେ ପଶି ଆସିଲେ ।

ମୁହଁରେ କ୍ଳାନ୍ତି ଓ ବିରକ୍ତିର ଶତରେଖା ଓ କୁଞ୍ଚନ ଟାଣି, ମଣ୍ଟୁ ସ୍ୟାହିଢଳା ଟେବୁଲ ଉପରେ ହାମୁଡ଼େଇ ପଡ଼ି ପୃଷ୍ଠାଏ ହସ୍ତାକ୍ଷର ଲେଖୁଥିଲା, ମାତ୍ର ତା଼ ର ଦୃଷ୍ଟି ନିବଦ୍ଧ ଥିଲା, ଝରକା ବାହାରେ ଚୂନଧୁଆ ସକାଳ ଉପରେ । ସନାତନ ପାଦ ଚିପି ଚିପି ଆସି ମଣ୍ଟୁର କାନ୍ଧ ଉପରେ ଗୋଟାଏ ଟିପା

ମାରିଲେ । ମଣ୍ଟୁ ଚମକି ପଡ଼ି ପଛରେ ମୁଖାପିନ୍ଧା ସନାତନଙ୍କ ଆଡ଼େ ଚାହିଁ, ମୁହୂର୍ତ୍ତକ ପାଇଁ ଭୟରେ ଜଡ଼ ଓ କିଂକର୍ତ୍ତବ୍ୟବିମୂଢ଼ ହୋଇ ପଡ଼ିଲା । ମଣ୍ଟୁ ଯେଉଁ ଭୂତର କାହାଣୀ ବିନିଦ୍ର ଆଖିରେ ରାତିର ଅନ୍ଧକାର ଭିତରେ ଶୁଣେ, ଦିନର ଆଲୁଅରେ ସେହି ଭୂତକୁ ଦେଖି ସେ କିଳିକିଳା ଚିତ୍କାର କରି ଉଠୁଥିଲା, ମାତ୍ର ସନାତନ ମୁହଁରୁ ମୁଖାଟି କାଢ଼ି, ଅଟ୍ଟହାସ କରି ହସି ଉଠିଲେ... ଅତୀତରେ ବହୁବର୍ଷର ଅବରୁଦ୍ଧ ହସ, ପାହାଡ଼ୀ ଝରଣା ପରି ଝରି ଆସିଲା ନିରାନନ୍ଦ ପ୍ରୌଢ଼ତ୍ୱର ଗୋଲେଇ ପେଟ ଉପରେ ମେଦ ଓ ମାଂସର ତରଙ୍ଗ  ସଞ୍ଚାଳିତ କରି ।

ଜେଜେଙ୍କର ଏହି କିଂଭୂତ ବେଶସଜ୍ଜା ମଧ୍ୟରେ ଯେଉଁ ନୂଆ ସମ୍ଭାବନା ଅଛି, ତାହା କଳନା କରି, ମଣ୍ଟୁ ମଧ୍ୟ ହସି ଉଠିଲା । ଦୁହିଁଙ୍କର ଆଖିରେ ଏକ ନୂଆ ଷଡ଼ଯନ୍ତ୍ରର ଚକ୍ରାନ୍ତ ।

ସନାତନ ଡ୍ରେସିଂ ଗାଉନ ଭିତରୁ ଅନ୍ୟ ମୁଖାଟି କାଢ଼ି ମଣ୍ଟୁର ମୁହଁରେ ପିନ୍ଧାଇ ଦେଲେ । ଏକ ତୀବ୍ର ଅଭୂତପୂର୍ବ ଉତ୍ତେଜନାରେ ମଣ୍ଟୁର ଦେହ ଥରି ଉଠିଲା । ବୈଠକଖାନା କାନ୍ଥରେ ଏହି ମୁଖା ଦୁଇଟି ଝୁଲାଯିବା ଦିନୁ, ମଣ୍ଟୁ ଏଥିରେ କେତେ ନୂତନ ରୋମାଞ୍ଚର ସମ୍ଭାବନା ଦେଖି ଆସିଥିଲା- ମାତ୍ର ବାପାଙ୍କର କଳାପ୍ରେମ ଆହତହେବା, ପୁଣି ନିଜେ ବେତ୍ରାହତ ହେବା ଭୟରେ, ମଣ୍ଟୁ ସେ ମୁଖା ଦୁଇଟିକୁ ସ୍ପର୍ଶ କରିବା ପାଇଁ ସୁଦ୍ଧା କେବେ ସାହସ କରି ନ ଥିଲା । ଆଜି କିନ୍ତୁ ନିଜ ହାତରେ ସେହି ମୁଖାଟିକୁ ସମ୍ପୂର୍ଣ୍ଣ ଅଯାଚିତ ଭାବରେ ପାଇ, ମଣ୍ଟୁର ଆନନ୍ଦ ଓ କୌତୂହଳର ସୀମା ରହିଲା ନାହିଁ ।

ସନାତନ ଆଉଥରେ ମୁଖାଟିକୁ ପିନ୍ଧି କାନ୍ଥରେ ଝୁଲୁଥିବା ଗୋଟିଏ ଅଇନାରେ ନିଜକୁ ସପ୍ରଶଂସ ଦୃଷ୍ଟିରେ ଚାହିଁ ଦେଖୁଥିଲେ । ଇତିମଧ୍ୟରେ ମଣ୍ଟୁ ଅନ୍ୟ ମୁଖାଟିକୁ ମୁହଁରେ ପିନ୍ଧି, ତା' ର କଳ୍ପନାରେ ପରିକଳ୍ପିତ କିଳିକିଳା କଣ୍ଠରେ ଏକ ବିଚିତ୍ର ଯୁଦ୍ଧଧ୍ୱନି କରି, ସନାତନଙ୍କ ପିଠି ଉପରକୁ କୁଦି ପଡ଼ିଲା ।

ଏହାପରେ ତଳ ମହଲାର ନିଃଶବ୍ଦ ଓ ନିର୍ଜନ ବୈଠକଖାନା, ମୁହୂର୍ତ୍ତକ ମଧ୍ୟରେ ପରିଣତ ହୋଇଗଲା, କାହାଣୀର ଝଞ୍ଜାବିକ୍ଷୁବ୍ଧ ଏକ ସମୁଦ୍ରରେ, କାଉଚ୍‌ଟା ପରିଣତ ହୋଇଗଲା ପଣ୍ୟସମ୍ଭାରଭରା ଜାହାଜରେ, ମଣ୍ଟୁ ଦୂରଦେଶୀ ସୌଦାଗରରେ ଓ ରାକ୍ଷସର ମୁଖାପିନ୍ଧା ସନାତନ ଏକ ଜଳଦସ୍ୟୁରେ! ଜଳଦସ୍ୟୁ ସହିତ ଯୁଦ୍ଧର ତୀବ୍ରତା, କାଉଚ୍ ରୂପ ଜାହାଜର "ଡେକ୍" ଉପରେ ବେଶିକ୍ଷଣ ସୀମାବଦ୍ଧ ରହିପାରିଲା ନାହିଁ । ସମଗ୍ର ବୈଠକଖାନାଟା ପରିଣତ ହୋଇଗଲା ଯୁଦ୍ଧକ୍ଷେତ୍ରରେ । ଟି' ପୟ ଉପରୁ ଫୁଲଦାନୀଟା ତଳେ ପଡ଼ି ଚୂନା ହୋଇଗଲା, ଆସଟ୍ରେଗୁଡ଼ା ଏଠି ସେଠି ଭାଙ୍ଗି ପଡ଼ିଲା ମୃତାହତ ସୈନ୍ୟଙ୍କ ପରି, କାଉଚ୍ ଓ ଚଉକିଗୁଡ଼ା ବିପର୍ଯ୍ୟସ୍ତ ଭାବରେ ଓଲଟି ପଡ଼ି, ରଣକ୍ଷେତ୍ରର ଦୃଶ୍ୟ ଉପରେ ଯେପରି ସମ୍ପୂର୍ଣ୍ଣତାର ତୂଳୀ ବୁଲାଇଦେଲା ।

ଶତ ନିୟନ୍ତ୍ରଣ ଓ ଶାସନ ଭିତରେ ଶୃଙ୍ଖଳାବଦ୍ଧ ମଣ୍ଟୁ, କେବେ ଏପରି ଯୁଦ୍ଧ ଲଢ଼ି ନ ଥିଲା । ଛଅଫୁଟ ଉଚ୍ଚତା ଓ ଦୁଇ ମହଣ ଓଜନର ଜଳଦସ୍ୟୁ, ଖଣ୍ଡେ ହାତ ବାଡ଼ିକୁ ଖଣ୍ଡା ପରି ଯେତେ ଉତ୍ସାହ ଓ ବିକ୍ରମରେ ବୁଲାଇଲେ ସୁଦ୍ଧା, ଅଶସ୍ତ୍ର ସୌଦାଗରର ଲମ୍ଫଝମ୍ପରେ ସେ ଏକ କିଳିକିଳା ରଡ଼ି ଦେଇ ଅଚିରେ ଭୂତଳଶାୟୀ ହୋଇଗଲେ । ବିଜୟୀ ସୌଦାଗର ତାହାର ପ୍ରତ୍ୟୁତ୍ତର ସ୍ୱରୂପ ଆଉ ଏକ ବିଚିତ୍ର ଧ୍ୱନି କରି, ଚିତ୍ ହୋଇ ପଡ଼ିଥିବା ଜଳଦସ୍ୟୁର ଛାତି ଉପରେ ବୀରବିକ୍ରମରେ ମାଡ଼ି ବସିଲା । ସନାତନ ଓ ମଣ୍ଟୁର ଭୂତଛଡ଼ା କିଳିକିଳା ରଡ଼ି ସହିତ ବାରଣ୍ଡାରେ ବନ୍ଧାଥିବା ଆଲସେସିଆନ କୁକୁରର ଗର୍ଜନ ମିଶି, ଏପରି ଏକ ଭୌତିକ କୋଳାହଳ ଆରମ୍ଭ କରିଦେଲା ଯେ, ସନାତନ ପରିବାରର ସମସ୍ତେ ତ୍ରସ୍ତବ୍ୟସ୍ତ ହୋଇ ବୈଠକଖାନା ଭିତରକୁ ପଶି ଆସିଲେ । ବୈଠକଖାନାରେ ବିପର୍ଯ୍ୟସ୍ତ ଅବସ୍ଥା, ଚଟାଣ ଉପରେ ଓଲଟି ପଡ଼ିଥିବା ଟେବୁଲ, କୁସନ, ଚୌକି, ଭଙ୍ଗା ଫୁଲଦାନୀ ପୁଣି ସନାତନ ଓ ମଣ୍ଟୁ ମୁହଁରେ ପିନ୍ଧିଥିବା ଜଉତିଆରି ଅସୁର ମୁଖାର ଭଙ୍ଗାଟକୁରା ଯେଉଁ ପରିବେଶ ସୃଷ୍ଟି କରିଥିଲା ଓ ତା' ମଝିରେ ଅର୍ଦ୍ଧନଗ୍ନ ସନାତନଙ୍କ ଛାତିଉପରେ ମଣ୍ଟୁ ଯେପରି ଭଙ୍ଗିରେ ମାଡ଼ି ବସିଥିଲା, ସବୁ ସନାତନଙ୍କ ସ୍ୱଜନବର୍ଗଙ୍କୁ ବିସ୍ମୟରେ ଅଭିଭୂତ କରିଦେଲା । ଏ ପରିସ୍ଥିତିରେ ସେମାନେ ଫାୟାର ବ୍ରିଗେଡ଼ ଡାକିବେ, ପୁଲିସ ଡାକିବେ ବା ଆମ୍ବୁଲାନ୍‌ସ ଡାକିବେ ସ୍ଥିର କରି ନ ପାରି

କିଂକର୍ତ୍ତବ୍ୟବିମୂଢ଼ ପରି ଠିଆ ହୋଇ ରହିଥିଲେ । ସେମାନଙ୍କୁ ଦେଖି ମଣ୍ଟୁ ଅପରାଧୀ ପରି, ସନାତନଙ୍କ ଛାତି ଉପରୁ ଉଠି, କେଉଁଠି ଆତ୍ମଗୋପନ କରିବ ଭାବି ସ୍ଥିର କରିପାରିଲା ନାହିଁ । କିନ୍ତୁ ସନାତନ ସମ୍ପୂର୍ଣ୍ଣ ଅନାସକ୍ତ ଭାବରେ ତଳୁ ଉଠି, ଉଚ୍ଚକଣ୍ଠରେ ହସି ଉଠିଲେ... ଏକ ଅନ୍ଧାର ଗୁମ୍ଫା ଭିତରୁ ଗୋଟିଏ ଗିରିନଦୀର ଆବଦ୍ଧ ଜଳସ୍ରୋତ, ପ୍ରମତ୍ତ ଗର୍ଜନରେ ଯେପରି ଲମ୍ଫଦେଇ ଆସିଲା । ବେପରୁଆ ହସର ସେ ଲଗାମଛିଣ୍ଡା ଲହର ହଠାତ୍ ପ୍ରଶମିତ ହେଲାନାହିଁ । ବହୁ ସମୟ ପର୍ଯ୍ୟନ୍ତ ନିଜ ଅଟ୍ଟହାସର ଅଛିଣ୍ଡା ଲହରରେ ସନାତନଙ୍କ ଶୃଙ୍ଖଳାବଦ୍ଧ ଗୃହସ୍ଥଳୀର ସଂଯତ ପରିବେଶ ଏକ ଝଞ୍ଜାର ଆଘାତରେ ଯେପରି ଥରି ଉଠିଲା ।

ସନାତନ ଏହାପରେ ପାଗଳ ବୋଲି ବିଧିବଦ୍ଧ ଭାବରେ ଘୋଷିତ ହୋଇଗଲେ ।

ଘ ଘ ଘ

ସହରର ରାସ୍ତାରେ ଏଇ ପରିଚିତ ମୂର୍ତ୍ତିଟି, ଯେତେବେଳେ ଦୂରଦିଗ୍‌ବଳୟରେ କେବଳ ନିଜର ଦୃଷ୍ଟି ନୁହେଁ, ତା ' ସହିତ ନିଜକୁ ମଧ୍ୟ ହଜାଇ ଦେଇ, ନିର୍ବାକ୍ ଜଡ଼ତାରେ ଠିଆ ହୋଇଥାଏ, ଅଥବା ରାସ୍ତାକଡ଼ କେଉଁ ଗଛମୂଳେ ଗଛ ଦେହରେ ଆଉଜି ସାମ୍ନାରେ ଜନସ୍ରୋତ ଆଡ଼େ ଅନାସକ୍ତ, ଅଚଞ୍ଚଳ , ଚଞ୍ଚଳ ଦୃଷ୍ଟିରେ ଚାହିଁ ବସିଥାଏ ନୋହିଲେ ପାର୍କର ଗୋଟିଏ ନିର୍ଜନ କୋଣରେ ଖଣ୍ଡେ କାଠବେଞ୍ଚ ଉପରେ ତଳକୁ ମୁଣ୍ଡ ନୁଆଁଇ ବସିଥାଏ, ସେତେବେଳେ ଦୂରରୁ ଚାହିଁଲେ, ଯେଉଁ କୁଶଳୀ ଶିଳ୍ପୀର ବ୍ରୋଞ୍ଜ ତିଆରି, ଗ୍ରୀକ୍‌ଯୁଗର ଗୋଟିଏ ନିଖୁଣ ମୂର୍ତ୍ତି ପରି ମନେହୁଏ ।

ଘ ଘ ଘ

ଏହାପରେ ସନାତନ ମହାପାତ୍ରଙ୍କ ପରିଚୟ ପରିବର୍ତ୍ତିତ ହୋଇ ପରିଣତ ହେଲା ପାଗଳ...ପାଗଳବାବୁ! କିନ୍ତୁ ସନାତନଙ୍କ ପାଗଳାମି ଥିଲା ଅତ୍ୟନ୍ତ ନିର୍ଦ୍ଦୋଷ । ସେଥିରେ କେହି ଆହତ ହେବା ଭଳି ହିଂସ୍ରତା ନ ଥିଲା, କିମ୍ବା ସୀମା ଓ ଶାଳୀନତା ଲଙ୍ଘନ କଲାଭଳି କୌଣସି ଯଥେଚ୍ଛାଚାର ନ ଥିଲା ।

ମାତ୍ର ପରିବେଶ ଓ ପରିବେଷ୍ଟନୀର ନିଃଶ୍ୱାସରୁନ୍ଧା ପ୍ରକୃତିସ୍ଥତା ତାଙ୍କୁ ଧୀରେ ଧୀରେ ପାଗଳ କରିଦେଲା ।

କୁହୁଡ଼ିର ପାତଳା ପର୍ଦାରେ ଢଙ୍କା, ଚୈତ୍ରର ଗୋଟିଏ ସକାଳ ।

ନିର୍ମେଘ ନୀଳ ଆକାଶ...ଛାୟାଢଙ୍କା ସରୋବରର ଗଭୀର ଜଳରାଶିପରି...ଖଣ୍ଡେ ମେଘ ଭାସି ଯାଉଥିଲା, ରାଜହଂସର ସନ୍ତରଣ ଭଙ୍ଗୀରେ... ସେଠି ଅନନ୍ତ ପ୍ରଶାନ୍ତି, ଅନାହତ ଆନନ୍ଦ ।

ସନାତନ ଗୋଟିଏ ଜନବିରଳ ରାସ୍ତା କଡ଼ରେ ଗୋଟିଏ ଦେବଦାରୁ ଗଛ ଦେହରେ ଆଉଜି ଉପରର ଆକାଶକୁ ଚାହିଁ ବସିଥିଲେ ପଥରର ଗୋଟିଏ ମୂର୍ତ୍ତି ପରି... ଯେପରି ପ୍ରଥମ ଥର ପାଇଁ ସେ ଚାହିଁ ଦେଖୁଥିଲେ ସୃଷ୍ଟିର ଏହି ବିଚିତ୍ର ପ୍ରକାଶ ସନାତନ ମୁଣ୍ଡରେ ଗୋଟାଏ ଚଉଡ଼ା ଫେଲ୍ଟ ଟୋପି ଓ ଖଣ୍ଡେ ଡୋରିଆ ପାଇଜାମା ପିନ୍ଧି ଉପରର ଆକାଶକୁ ଯେପରି ବିଚିତ୍ର ଭଙ୍ଗୀରେ ଚାହିଁ ବସି ରହିଥିଲେ; ତାହା ତାଙ୍କ ଚାରିପଟେ ପିମ୍ପୁଡ଼ି ମଳା ବାନ୍ଧିଲା ପରି ଏକ କୌତୂହଳୀ ଜନତାକୁ ଆକର୍ଷଣ କରି ଆଣୁଥିଲା । ସେମାନେ ନିଜ ନିଜ ମଧ୍ୟରେ, କୌତୁକରେ ପାଟି କରି କହୁଥିଲେ...ପାଗଳ "ଏଇ ପାଗଳ..."

ସନାତନ ହସିଲେ... ଏହି କ୍ଷୁଦ୍ର, ଦ୍ୱିପଦ ଦଳର ନୀଚ ମୂଲ୍ୟବୋଧ ପ୍ରତି ଏକ ପ୍ରଚଣ୍ଡ ଉପହାସ ।

ତୁଚ୍ଛ ଦୈନନ୍ଦିନତାର ବହୁ ଊର୍ଦ୍ଧ୍ୱରେ, ଆକାଶର ରଙ୍ଗଭୂମିରେ, ମେଘ ଓ ରୌଦ୍ରର, ଝଡ଼ ଓ ବିଦ୍ୟୁତର, ଆଲୋକ ଛାୟାର ଯେଉଁ ବିରାଟ ମହାନାଟକ ପ୍ରତି ମୁହୂର୍ତ୍ତରେ ଅଭିନୀତ ହୋଇ ଯାଉଅଛି ତାହା କ' ଣ କେବେ ଥରକ ପାଇଁ ଦେଖିଛନ୍ତି ଏଇ କ୍ଷୁଦ୍ର ପିପୀଲିକାର ଦଳ!

ଆଉ ଦଳେ କୌତୂହଳୀ ଜନତା, ସନାତନଙ୍କ ଆଡ଼େ ଅଙ୍ଗୁଳି ଦେଖାଇ କହୁଥିଲେ... "ପାଗଳ, ଏଇ ପାଗଳ ।"

ଗୋଟିଏ ଗୋଟିଏ ଅତି କ୍ଷୁଦ୍ର ଆକସ୍ମିକ ଘଟଣା ଜୀବନର ଗତି ଓ ଇତିହାସ ବଦଳାଇ ଦିଏ । ସେ ଦିନର ସେ ସକାଳ । ଏ ଶତାବ୍ଦୀର ମଣିଷ ଧୀରେ ଧୀରେ ଯେପରି ପାଗଳ ହୋଇ ଆସୁଅଛି, ତା' ର ଇସ୍ତାହାର ପ୍ରକାଶ ପାଇଅଛି, ଆଧୁନିକ ଚିତ୍ରକଳାରେ, କବିତାରେ, ସଙ୍ଗୀତରେ, ନୃତ୍ୟରେ, ରାଜନୀତିରେ, ବଞ୍ଚିବାରେ!

ମୁହଁରେ ରାକ୍ଷସର ମୁଖା ପିନ୍ଧି ମଣ୍ଟୁ ଓ ତାଙ୍କ ଭିତରେ ସେ କି ପ୍ରଚଣ୍ଡ ଯୁଦ୍ଧ । ସେଦିନର ସେଇ ସକାଳ ସନାତନଙ୍କ ହିସାବ ଜୀବନର ଗତି ବଦଳାଇ ନେଇଥିଲା । ସେହି ସକାଳ ପରଠାରୁ ସନାତନଙ୍କ ପରିଚୟ ପରିଣତ ହୋଇଥିଲା, ପାଗଳାରେ!

କିନ୍ତୁ ସନାତନ କ' ଣ ପାଗଳ?

ନିଜ ପ୍ରତି ପାଗଳାମିର ସନ୍ଦେହ ଘୁଞ୍ଚାଇବା ପାଇଁ ସନାତନ ଦୁଇହାତରେ ମୁଣ୍ଡବାଳ ଓ ଦାଢ଼ିକୁ ଟାଣି, ଅକାରଣରେ ତଳୁଉଠି ଠିଆ ହୋଇ ପଡ଼ିଲେ ।

ନା- ସନାତନ ସମ୍ପୂର୍ଣ୍ଣ ପ୍ରକୃତିସ୍ଥ । ସନାତନ ପାଗଳ ନୁହନ୍ତି । ତାଙ୍କର ତଥାକଥିତ ପାଗଳାମି ଜୀବନର ଏକ ନୂତନ ଆସ୍ୱାଦନ, ବଞ୍ଚିବାର ଏକ ନୂତନ ପର୍ଯ୍ୟାୟ ।

ଆଉରି ଦଳେ କୌତୂହଳୀ, ବେକାର ଜନତା ମାଛି ବେଢ଼ିଲା ପରି ଚାରି କଡ଼େ ବେଢ଼ି ଆସୁଥିଲେ । ଆଃ...କି ବିରକ୍ତିକର ସାନ୍ନିଧ! ତଥାପି ସେମାନେ ପିମ୍ପୁଡ଼ି ପରି ମେଳାବାନ୍ଧି ନିଜର ବିକୃତ କୌତୂହଳ ମେଣ୍ଟାଉଥିଲେ... "ପାଗଳ... ଏଇ ପାଗଳ!"

ସନାତନଙ୍କ ମୁଣ୍ଡକୁ ଗୋଟାଏ ନୂଆ ଖିଆଲ ଆସିଲା । ଚାରିପଟେ ବେଢ଼ିଥିବା କୌତୂହଳୀ, ବେକାର ଜନତାକୁ ତଡ଼ିବା ପାଇଁ ସନାତନ ତଳୁ ଦୁଇଖଣ୍ଡ ଭଙ୍ଗା ଇଟାର ଟୁକୁରା ଉଠାଇ ତଡ଼ି ଆସିଲେ । ତା' ପରେ ସେମାନେ ଏକ ପାଗଳର ଆକ୍ରମଣରୁ ଆମ୍ଭରକ୍ଷା ପାଇଁ, ଯେପରି ଛତ୍ରଭଙ୍ଗ ଦେଇ ଊର୍ଦ୍ଧ୍ୱଶ୍ୱାସ ହୋଇ ଧାଇଁ ପଳାଇଲେ ତାହା ସେମାନଙ୍କ ପଛେ ପଛେ ଆହୁରି ଦ୍ୱିଗୁଣିତ ବେଗରେ ଧାଇଁବା ପାଇଁ ସନାତନଙ୍କୁ ଉତ୍ସାହିତ କରିଦେଲା ।

ଆଃ...ମୃଗ ଶିଶୁ ପରି ଏକ ଅକାରଣ ଆନନ୍ଦରେ ଧାଇଁବାରେ କି ଆନନ୍ଦ! କି ଉତ୍ତେଜନା! ଆନନ୍ଦବିହୀନ, ଉତ୍ତେଜନାହୀନ ବଞ୍ଚିବାର କାରାବନ୍ଧନ ଭିତରୁ ଏ ମୁକ୍ତିରେ କି ଅନାସ୍ୱାଦିତ ରୋମାଞ୍ଚ !

ମାତ୍ର ସେ ରୋମାଞ୍ଚ ସନାତନ ବେଶିକ୍ଷଣ ଉପଭୋଗ କରିପାରିଲେ ନାହିଁ । ଚାରିଜଣ ପୁଲିସ କନେଷ୍ଟବଲ୍ ସନାତନଙ୍କୁ ଅକ୍ତିଆର କରି, ଗୋଟିଏ ଭ୍ୟାନ୍‌ରେ ପୂରାଇ, ତାଙ୍କ ଘରେ ଛାଡ଼ି ଦେଇ ଆସିଲେ ।

ସନାତନ ଏହାପରେ ଘୋଷିତ ହେଲେ...ବଦ୍ଧପାଗଳ!

ଡାକ୍ତରମାନଙ୍କ ପରାମର୍ଶ ଅନୁସାରେ, ଗୋଟିଏ କୋଠରି ଭିତରେ ସେ ଆବଦ୍ଧ ହୋଇ ରହିଲେ । ବାହାରକୁ ଛାଡ଼ିଲେ, ତାଙ୍କ ହିଂସ୍ର ଆକ୍ରମଣରୁ କେହି ଆହତ ହେବାର ଆଶଙ୍କାରେ ତାଙ୍କୁ ଏକ ବନ୍ଦୀ ପରି ରହିବା ପାଇଁ ପଡ଼ିଲା ।

ଘ ଘ ଘ

ଏହି ନିର୍ଜନ ଓ ନିଭୃତ ପାଗଳାଗାରଦ ଭିତରେ ସନାତନ କେଉଁଦିନ ଯେ ଏକ ଚିତ୍ରଶିଳ୍ପୀ ହେଲେ, ତାହାର ଇତିହାସ ଅବଶ୍ୟ ଲିଖିତ ହେବ ନାହିଁ । ମାତ୍ର ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ, ପୁଣି ରାତିରେ ନିଦ ନ ଲାଗିବା ପର୍ଯ୍ୟନ୍ତ ସନାତନ ଖଣ୍ଡେ ଅଙ୍ଗାର ହାତରେ ଧରି ଅତ୍ୟନ୍ତ ଅଭିନିବିଷ୍ଟ ପରି, କାନ୍ଥରେ ଏଣୁ ତେଣୁ ଗାରାନ୍ତି । ମୁହଁରେ ଗୋଜିଆ ଝିଙ୍କର କାଠି ପରି ରୁଢ଼ । ଗହୀଡ଼ା, କୋଟରଗତ ଆଖି ଦୁଇଟିରେ କ୍ରୁଦ୍ଧ ହିଂସ୍ରତା ଓ ରହସ୍ୟଘନ ଆନନ୍ଦର ମିଶାମିଶି ଏକ ବିଚିତ୍ର ଦୃଷ୍ଟି । ଦେହରେ ଲାଲ ଭେଲଭେଟର ଖଣ୍ଡେ ଡ୍ରେସିଂ ଗାଉନ୍ । ମୁଣ୍ଡର ଲମ୍ବା କହରା ବାଳସବୁ କୁଣ୍ଡଳୀ ବୁଲି ତଳକୁ ଲମ୍ବି ଆସିଛି । କପାଳ ଉପରେ ଆଣ୍ଠି ବନ୍ଧା ହୋଇଛି ଲାଲ ଛିଟର ଖଣ୍ଡେ ରୁମାଲ ।

ଏଇ ନୈମିତ୍ତିକ ପରିଧାନ ପିନ୍ଧି, ସନାତନ କାନ୍ଥରେ ଛବି ଆଙ୍କନ୍ତି । ଛବିର କଥାବସ୍ତୁ ସହଜରେ ବୁଝାପଡ଼େ ନାହିଁ । ପାହାଡ଼ ଓ ପର୍ବତର ରେଖାସବୁ ଦିଶେ, ଗୋଟିଏ ଗୋଟିଏ ଅନାବୃତ ନାରୀର ସ୍ତନାଗ୍ର ପରି, ଗଛ ସବୁ ଦିଶେ ଏକ ନଗ୍ନନାରୀ ଦେହର ଲୀଳାୟିତ ଭଙ୍ଗୀପରି, ପ୍ରାନ୍ତର ସବୁ ଦିଶେ ଏକ ବିଶାଳକାୟ ମଣିଷର ଦେହ ପରି । ଶିଶୁ ହାତରେ ଅବିନ୍ୟସ୍ତ ରେଖାର ଜଟିଳତା ମଧ୍ୟରେ କୌଣସି ସୁଚିନ୍ତିତ ବ୍ୟଞ୍ଜନା ନାହିଁ କୌଣସି ନିର୍ଦ୍ଦିଷ୍ଟ ଅର୍ଥ ନାହିଁ, କୌଣସି ଶୃଙ୍ଖଳାବଦ୍ଧ ପ୍ରକାଶ ନାହିଁ... ଯେପରି ଏକ ଭାଷାହୀନ, ମୂକ, ଅନ୍ତରର ଅବର୍ଣ୍ଣନୀୟ ଉପଲବ୍ଧି ପ୍ରକାଶ କରିବା ପାଇଁ, ଭାଷା ଓ ଭଙ୍ଗୀ ଖୋଜି ମିଳୁନାହିଁ । ରଜ୍ଜୁ ଓ ତୀର୍ଯ୍ୟକ୍, କୋମଳ ଓ କଠୋର ଶତ ରେଖାର ଜଟିଳତା ମଧ୍ୟରେ ପ୍ରକାଶର ପଥ ଯେପରି ଅବରୁଦ୍ଧ ହୋଇ ପଡ଼ିଅଛି ।

ସନାତନଙ୍କ ପାଗଳାମିର ଅପାଠ୍ୟ କାହାଣୀ ।

(୧୯୬୨)